
JAN & FE
200



"....... as for me and my house, we will serve the LORD" (Josh 24

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No 80, Kakinada
A.P. - 533 001.
Ph : 0884 - 2363722

**VOL.12. JAN. & FEB. 2007 (NO.1)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XII KAKINADA JAN-FEB

## ଖ୍ରୀଷ୍ଟଙ୍କ ନାମ

### (The name of Christ)

ଆମ୍ଭେମାନେ ନୂତନ ନିୟମରେ ଖ୍ରୀଷ୍ଟଙ୍କ ନାମ ବହୁବାର ଉଲ୍ଲେଖିତ ହେବାର ଦେଖିଥାଉଁ । ଅନେକ 'ନାମ'ରେ କୌଣସି ପ୍ରାଧାନ୍ୟତା ନାହିଁ ବୋଲି ଭାବନ୍ତି ଓ 'ନାମ'ରେ କୌଣସି ବିଶେଷତ୍ୱ ଦିଅନ୍ତି ନାହିଁ । ଏହା କେତେକ ନାମ ବିଷୟରେ ସତ୍ୟ ହୋଇ ଥାଇପାରେ, କିନ୍ତୁ ଖ୍ରୀଷ୍ଟଙ୍କ ନାମ ବିଷୟରେ ସତ୍ୟ ନୁହେଁ । ନିମ୍ନଲିଖିତ ବିଷୟରେ ମନଯୋଗ କରନ୍ତୁ -

୧. ଈଶ୍ୱରଙ୍କ ପ୍ରଜାମାନେ ଗୋଟିଏ ନୂତନ ନାମରେ ଖ୍ୟାତ ହେବେ ବୋଲି ଲେଖାଯାଏ । (ଯିଶା ୬୨:୨) ରୋମୀ ୧୬:୧୬ ଓ ୧ମ କରି ୧୨:୧୩ ପଦରୁ ମଣ୍ଡଳୀ ଖ୍ରୀଷ୍ଟଙ୍କ ନାମ ଧାରଣ କରିଅଛି ବୋଲି ଜାଣିପାରୁ । ମଣ୍ଡଳୀର ପ୍ରତ୍ୟେକ ସଭ୍ୟ ଖ୍ରୀଷ୍ଟିୟାନ ବୋଲି ବିଖ୍ୟାତ ହେଲେ । (ପ୍ରେରି ୧୧:୨୬) ଏହା ସେହି ନୂତନ ନାମ ।

୨. ପିତୃକୂଳ ନାମ ଖ୍ରୀଷ୍ଟଙ୍କ ନାମ ଅଟେ । ଏଫି ୩:୧୪-୧୫ରେ ପାଉଲ ଲେଖନ୍ତି ''ଏଥିନିମନ୍ତେ ଯେଉଁ ପିତାଙ୍କ ଠାରୁ ସ୍ୱର୍ଗତ ଓ ପୃଥିବୀସ୍ଥ ପ୍ରତ୍ୟେକ ପିତୃକୁଳ ନାମ ପ୍ରାପ୍ତ ହୁଏ, ତାହାଙ୍କ ଛାମୁରେ ମୁଁ ଜାନୁପାତି ପ୍ରାର୍ଥନା କରୁଅଛି ।

୩. ମଣ୍ଡଳୀକୁ ଖ୍ରୀଷ୍ଟଙ୍କ କନ୍ୟାରୂପେ ବର୍ଣ୍ଣିତ କରାଯାଏ ଓ କନ୍ୟା ବରଙ୍କ ନାମ ଧାରଣ କରେ । (ପ୍ରକା ୨୧:୯, ୨୨:୧୭) ଖ୍ରୀଷ୍ଟଙ୍କର କେବଳ ଏକମାତ୍ର କନ୍ୟା ଏବଂ ତାଙ୍କର ନାମ ଧାରଣକାରୀ ସେହି କନ୍ୟାକୁ ଆପଣା ସହିତ ନେବା ନିମନ୍ତେ ଫେରି ଆସୁଅଛନ୍ତି (ଏଫି ୫:୨୭) ।

୪. ତାହାଙ୍କ ନାମ ସମସ୍ତ ନାମଠାରୁ ଉତ୍କୃଷ୍ଟତମ ନାମ । ''ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ

ଜାନୁ ଯୀଶୁଙ୍କ ନାମରେ ନତ ହେବ, ପୁଣି ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।'' (ଫିଲିପି ୨:୯-୧୧)

୫. ଖ୍ରୀଷ୍ଟଙ୍କ ନାମରେ ପରିତ୍ରାଣ ଅଛି । ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେରି ୪:୧୨)

୬. ଖ୍ରୀଷ୍ଟଙ୍କ ନାମରେ ହିଁ ଆମ୍ଭେମାନେ ବିଶ୍ୱାସ ରଖିବା ଉଚିତ । ''ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ, ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି ।'' (୧ମ ଯୋହନ ୫:୧୩)

୭. ଖ୍ରୀଷ୍ଟଙ୍କ ନାମ ସ୍ୱୀକାର କରିବା ଆବଶ୍ୟକ । ''.....ଆଉ ଯେ କେହି ପ୍ରଭୁଙ୍କ ନାମ ଧରେ, ସେ ଅଧର୍ମରୁ ଦୂରରେ ରହୁ ।'' (୨ୟ ତୀମଥି ୨:୧୯)

୮. ଖ୍ରୀଷ୍ଟଙ୍କ ନାମରେ ମନ ପରିବର୍ତ୍ତନ ଓ ବାପ୍ତିସ୍ମ ନେବା ଆବଶ୍ୟକ । ''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରି ୨:୨୮)

୯. ଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ଆରାଧନା ନିମନ୍ତେ ସମବେତ ହେବା ଆବଶ୍ୟକ । ଖ୍ରୀଷ୍ଟ କହିଲେ,''ଯେଉଁ ସ୍ଥାନରେ ଦୁଇ କି ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।'' (ମାଥି ୧୮:୨୦)

୧୦. ଆମ୍ଭେମାନେ ପ୍ରତ୍ୟେକ କାର୍ଯ୍ୟ ଖ୍ରୀଷ୍ଟଙ୍କ ନାମରେ କରିବା ଆବଶ୍ୟକ । ''ଆଉ ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେହି ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲ ୩:୧୭)

୧୧. ଖ୍ରୀଷ୍ଟଙ୍କ ନାମ ସକାଶୁ ଧାର୍ମିକମାନେ ଘୃଣିତ ହେବେ । ''ଆଉ ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବ, ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟଧରି ରହିବ, ସେ ପରିତ୍ରାଣ ପାଇବ ।''

୧୨. ଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ପ୍ରାର୍ଥନା କରିବା ଉଚିତ । ''ପୁଣି ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ

ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । (ଯୋହ ୧୪:୧୩)

୧୩. ଖ୍ରୀଷ୍ଟଙ୍କ ନାମରେ ପାପକ୍ଷମା ମିଳେ । "ହେ ବତ୍ସଗଣ ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କର ପାପକ୍ଷମା ହୋଇଅଛି ।" (୧ମ ଯୋହ ୨:୧୨)

୧୪. ଖ୍ରୀଷ୍ଟଙ୍କ ନାମ ଅନ୍ୟମାନଙ୍କ ଦ୍ୱାରା ନିନ୍ଦିତ ନ ହେଉ । "ଯେଉଁ ମହତ୍ ନାମରେ ତୁମ୍ଭେମାନେ ଖ୍ୟାତ, ସେମାନେ କଅଣ ସେହି ନାମରେ ନିନ୍ଦା କରନ୍ତି ନାହିଁ ? (ଯାକୁ ୨:୭)

୧୫. ତାହାଙ୍କ ନାମ ସକାଶୁ କଷ୍ଟ ସହିବା ଆବଶ୍ୟକ । "ପୁଣି ଧୈର୍ଯ୍ୟ ଧରି ଆମ୍ଭ ନାମ ସକାଶେ କଷ୍ଟ ସହିଅଛ ଓ କ୍ଲାନ୍ତ ହୋଇ ନାହିଁ, ଏହା ମଧ୍ୟ ଆମ୍ଭେ ଜାଣୁ ।" (ପ୍ରକା ୨:୩)

୧୬. ଖ୍ରୀଷ୍ଟଙ୍କ ନାମ ଦ୍ୱାରା ଆମ୍ଭେମାନେ ଅନନ୍ତ ଜୀବନ ପାଇପାରୁ । "କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖା ଯାଇଅଛି ।" (୧ମ ଯୋହ ୨୦:୩୦-୩୧)

ଉପରଲିଖିତ ଭାବଗୁଡ଼ିକୁ ଖ୍ରୀଷ୍ଟଙ୍କ ନାମରେ ବିଶିଷ୍ଟତା ଆପଣ ଗ୍ରହଣ କରିଥିବେ ବୋଲି ଆଶା କରୁଅଛି । ତେଣୁ କରି ସେହି ନାମକୁ ବ୍ୟକ୍ତିଗତ ଭାବେ ଓ ମଣ୍ଡଳୀଭାବେ ଧାରଣ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ମୁଁ ଖ୍ରୀଷ୍ଟଙ୍କ ମଣ୍ଡଳୀର ଜଣେ ସଭ୍ୟ ଓ ମୁଁ ଜଣେ କେବଳ ଖ୍ରୀଷ୍ଟିୟାନ ମାତ୍ର । ଆପଣ କଅଣ ବାଇବଲରେ ବର୍ଣ୍ଣିତ ମଣ୍ଡଳୀର ସଭ୍ୟ ଅଟନ୍ତି ? ଆପଣ କଅଣ ଜଣେ ଖ୍ରୀଷ୍ଟିୟାନ ? ଯଦି ନୁହେଁ ଆଜିହିଁ ଜଣେ ଖ୍ରୀଷ୍ଟିୟାନ ହୁଅନ୍ତୁ ।

***- J.C. Choate***

# ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆପଣ କିପରି ବଳି ଉତ୍ସର୍ଗ କରୁଅଛନ୍ତି ?

## (What kind of sacrifice you are rendering unto the Lord ?)

ମନୁଷ୍ୟ ଆପଣା କାର୍ଯ୍ୟଦ୍ୱାରା ସୁଖ୍ୟାତି ପ୍ରାପ୍ତ ହୁଏ । ଆମ୍ଭମାନଙ୍କ ଆଦି ପିତାମାତାଙ୍କ ଦ୍ୱିତୀୟ ପୁତ୍ର ହେବଲ, କରିଥିବା ଉତ୍ସର୍ଗ ହେତୁ, ଧର୍ମଶାସ୍ତ୍ର ବିଶ୍ୱାସର ଯୋଦ୍ଧାମାନଙ୍କ ସଂଖ୍ୟାରେ ପ୍ରଥମ ସ୍ଥାନ ଦେଇଅଛି । ବାକ୍ୟ କହେ, ‘‘ବିଶ୍ୱାସ ଦ୍ୱାରା ହେବଲ ଈଶ୍ୱରଙ୍କ ଛାମୁରେ କୟିନ ଅପେକ୍ଷା ଉତ୍କୃଷ୍ଟ ବଳି ଉତ୍ସର୍ଗ କଲେ ଓ ତଦ୍ୱାରା ସେ ଧାର୍ମିକ ବୋଲି ସାକ୍ଷ୍ୟ ପାଇଲେ ।’’ (ଏବ୍ରୀ ୧୧:୪) ସଦାପ୍ରଭୁ ପରମେଶ୍ୱର ହେବଲଙ୍କ ଉତ୍ସର୍ଗ ଗ୍ରହଣ କଲେ ଓ କୟିନଙ୍କ ଅଗ୍ରାହ୍ୟ କଲେ ।

**ନୋହଙ୍କ** ଉତ୍ସର୍ଗ ବିଷୟରେ ବାକ୍ୟ କହେ,‘‘ଅନନ୍ତର ନୋହ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦୀ ନିର୍ମାଣ କଲେ, ପୁଣି ସର୍ବପ୍ରକାର ଶୁଚି ପଶୁ ଓ ଶୁଚି ପକ୍ଷୀଗଣ ମଧ୍ୟରୁ କେତେକ ନେଇ ବେଦୀ ଉପରେ ହୋମବଳି ଉତ୍ସର୍ଗ କଲେ ।’’ (ଆଦି ୮:୨୦) । **ଅବ୍ରାହମ**, ‘‘ଅବ୍ରାମ ଆପଣା ଦର୍ଶନଦାତା । ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେହି ସ୍ଥାନରେ ଯଜ୍ଞବେଦୀ ନିର୍ମାଣ କଲେ । ......ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ.... (ଅବ୍ରାହମ) ଆପଣା ପୂର୍ବନିର୍ମିତ ଯଜ୍ଞବେଦୀ ନିକଟରେ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ... (ଅବ୍ରାହମ) ସେଠାରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୋଟିଏ ଯଜ୍ଞବେଦୀ ନିର୍ମାଣ କଲେ.... ଅବ୍ରାହମ ସେଠାରେ ଏକ ଯଜ୍ଞବେଦୀ ନିର୍ମାଣ କରି ତହିଁ ଉପରେ କାଠ ସଜାଡ଼ି ଆପଣା ପୁତ୍ର ଇସ୍‌ହାକଙ୍କୁ ବାନ୍ଧି ବେଦୀର କାଠ ଉପରେ ଶୁଆଇଲେ ।’’ (ଆଦି ପୁସ୍ତକ ୧୨:୭, ୧୨:୮, ୧୩:୪, ୧୩:୧୮, ୨୨:୬) । **ଇସ୍‌ହାକ୍**, ‘‘ଅନନ୍ତର ଇସ୍‌ହାକ ସେହି ସ୍ଥାନରେ ଯଜ୍ଞବେଦୀ ନିର୍ମାଣ କରି ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।’’ (ଆଦି ୨୬:୨୫) **ଯାକୁବ**, ‘‘ସେଠାରେ ସେ ଏକ ଯଜ୍ଞବେଦୀ ନିର୍ମାଣ କରି ସେହି ସ୍ଥାନର ନାମ ଏଲ୍-ବୈଥଲ (ବୈଥଲର ପରମେଶ୍ୱର) ରଖିଲେ....’’ (ଆଦି ୩୫:୭)

ଇସ୍ରାଏଲୀ ଲୋକେ ଚାରିଶହ ବର୍ଷ ଦାସତ୍ୱରେ ରହିବା ପରେ ମୋଶାଙ୍କ ନେତୃତ୍ୱରେ ଦାସତ୍ୱରୁ ମୁକ୍ତ ହୋଇଥିଲେ । ଦାସତ୍ୱରୁ ମୁକ୍ତ ହେବା ରାତ୍ରି ସଦାପ୍ରଭୁ

ପରମେଶ୍ୱର ଇଶ୍ରାଏଲୀୟ ଜାତିକୁ ନିସ୍ତାର ପର୍ବ କିପରି ପାଳନ କରାଯିବ ସେ ବିଷୟରେ ଆଜ୍ଞା ଦେଇଅଛନ୍ତି, ଯାହା ଆମ୍ଭେମାନେ ଯାତ୍ରା ୧୨:୧-୧୮ରେ ପଢ଼ିଥାଉଁ । ପ୍ରତ୍ୟେକ ପରିବାର ଆପଣା ଆପଣା ନିମନ୍ତେ ଏକ ବର୍ଷୀୟ ପୁଂମେଷ ଶାବକ ବଳି ଦେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ଏହା ପୁରୁଷାପୁରୁଷାନୁକ୍ରମେ ପାଳନ କରିବା ନିମନ୍ତେ ସଦାପ୍ରଭୁଙ୍କ ଆଜ୍ଞା ଥିଲା । ତଦନୁଯାୟୀ ଇଶ୍ରାଏଲ୍‌ମାନେ ପ୍ରତି ବର୍ଷ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମେଷଶାବକ ଉତ୍ସର୍ଗ କରି, ନିସ୍ତାର ପର୍ବ ପାଳନ କରୁଥିଲେ ।

ହୋମବଳି, ଦାହନ ବଳି, ପାପାର୍ଥକ ବଳି ପ୍ରଭୃତି ଅନେକ ପ୍ରକାର ବଳି ଉତ୍ସର୍ଗ କରିବା ନିମନ୍ତେ ଇଶ୍ରାଏଲୀୟମାନେ ଆଜ୍ଞାପିତ ହୋଇଥିଲେ । ଏବଲ ପର୍ବତ ଉପରେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦୀ ନିର୍ମାଣ କରିଥିଲେ । **ଯିହୋଶୂୟଙ୍କ** ବିଷୟରେ ପଢ଼ିଥାଉ (ଯିହୋଶୂୟ ୮:୩୦) **ଯିପ୍ତହ,** ଅମ୍ମୋନୀୟମାନଙ୍କୁ ପରାସ୍ତ କରି ଆପଣା ମତନୁସାରେ ଆପଣା କନ୍ୟାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ରୂପେ ଉତ୍ସର୍ଗ କରିଥିଲେ । (ବିଚାରକର୍ତ୍ତା ୧୧:୩୧,୩୯) **ମାନୋହ** ଯଜ୍ଞବେଦୀରେ ଛେଳିଛୁଆ ଉତ୍ସର୍ଗ କରିବା ସମୟରେ ଦୂତ ଦର୍ଶନ ଦେଇ ଶାମ୍‌ଶୋନ୍‌ଙ୍କ ଜନ୍ମ ବିଷୟରେ ଜଣାଇଥିଲେ । (ବିଚାରକର୍ତ୍ତା ୧୩:୧୯-୨୫) । ଭାବବାଦୀ **ଶାମୂୟେଲଙ୍କ** ପିତା ଓ ତାହାଙ୍କ ପରିବାର ବର୍ଷକୁ ବର୍ଷ ସୈନ୍ୟାଧିପତି ସଦାପ୍ରଭୁଙ୍କୁ ବଳିଦାନ ଉତ୍ସର୍ଗ କରିବା ନିମନ୍ତେ ଶୀଲୋକୁ ଯାଉଥିଲେ । (୧ମ ଶାମୂୟେଲ ୧:୧-୩) । ଇଶ୍ରାଏଲ୍‌ର ପ୍ରଥମ ରାଜା **ଶାଉଲ** ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିଥିଲେ ବୋଲି ୧ମ ଶାମୂୟେଲ ୧୩:୯,୧୩, ୧୫,୨୨ ପଦରେ ପଢ଼ିଥାଉ । **ଦାଉଦ** ପାଲେଷ୍ଟୀୟମାନଙ୍କ ସହ ଯୁଦ୍ଧ କରିବା ସମୟରେ ତିନିଜଣ ବୀର ଶତ୍ରୁ ଛାଉଣୀ ଦେଇ ବୈଥଲେହମ ନଗରଦ୍ୱାର ନିକଟସ୍ଥ କୂପଜଳ, ଦାଉଦଙ୍କୁ ପାନ କରିବା ନିମନ୍ତେ ଜଳ ଆଣିଥିଲେ । କିନ୍ତୁ ସେହି ଜଳ ବହୁମୂଲ୍ୟ ମଣି, ଦାଉଦ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଢାଳିଦେଲେ । (୨ୟ ଶାମୁୟେଲ ୨୩:୧୫-୧୭) ଯିରୁଶାଲମର ମନ୍ଦିର ପ୍ରତିଷ୍ଠା ଦିନ ମହାରାଜା ଶଲୋମନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବାଇଶ ହଜାର ଗୋରୁ ଓ ଏକଲକ୍ଷ କୋଡ଼ିଏ ହଜାର ମେଷ ଉତ୍ସର୍ଗ କରିଥିଲେ । (୧ମ ରାଜାବଳି ୮:୬୩) । **ଆୟୁବ,** ଆପଣା ସନ୍ତାନ ମାନଙ୍କ ପାପକ୍ଷମା ନିମନ୍ତେ ନିତ୍ୟ ହୋମବଳି ଉତ୍ସର୍ଗ କରୁଥିଲେ । (ଆୟୁବ ୧:୫)

ଯିହୁଦୀମାନଙ୍କ ଆଚାରନୁଯାୟୀ, ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ପରେ ତାହାଙ୍କ ମାତାପିତା ଯିରୁଶାଲମକୁ ଘେନିଯାଇ ଦୁଇଟି ଘୁଘୁ ବା ଦୁଇଟି କାପ୍ତାଛୁଆ ବଳି ଦେଇଥିଲେ ବୋଲି ଲୁକ ୨:୨୪ ପଦରେ ପଢ଼ିଥାଉଁ ।

ବଳିଦାନ ଉତ୍ସର୍ଗ କରି ପୁରାତନ ନିୟମର ମନୁଷ୍ୟମାନେ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି, ତାହାଙ୍କ ଦତ୍ତ ମଙ୍ଗଳଦାନ ନିମନ୍ତେ କୃତଜ୍ଞତା ଅର୍ପଣ କରୁଥିଲେ । ପିତା ପରମେଶ୍ୱର ଏହି ଜଗତକୁ ଏପରି ପ୍ରେମ କଲେ ଯେ, ସେ ଆପଣଙ୍କ ଅଦ୍ୱିତୀୟ ପୁତ୍ର ପାପାର୍ଥକ ବଳି ରୂପେ ଏହି ଜଗତକୁ ପ୍ରେରଣ କରିଥିଲେ । ପ୍ରଭୁଯୀଶୁ ମନୁଷ୍ୟମାନଙ୍କୁ ଏତେ ପ୍ରେମ କରନ୍ତି ଯେ, ସେ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ଆମ୍ଭେମାନେ କିପରି ବଳିଦାନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଅଛୁ ? ଦାଉଦ କହନ୍ତି,"ଭଗ୍ନ ଆତ୍ମା ପରମେଶ୍ୱରଙ୍କର ଗ୍ରାହ୍ୟ ବଳି...." (ଗୀତ ୫୧:୧୭) ଭାବବାଦୀ ଶାମୁୟେଲ ମହାରାଜା ଶାଉଲ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବା ସମୟରେ କହିଥିଲେ । "........ଯେମନ୍ତ ସଦାପ୍ରଭୁଙ୍କ ରବ ଶୁଣିବାରେ, ତେମନ୍ତ କି ହୋମ ଓ ବଳିଦାନରେ ସଦାପ୍ରଭୁଙ୍କ ସନ୍ତୋଷ ହୁଏ ? ଦେଖ, ଶୁଣିବା ବଳିଦାନ ଠାରୁ, ଓ ଅବଧାନ କରିବା ମେଷ ମେଦଠାରୁ ଉତ୍ତମ ।" (୧ମ ଶାମୁୟେଲ ୧୫:୨୨) ଯେଉଁସବୁ ବିଷୟ ଆମ୍ଭମାନଙ୍କ ଇଷ୍ଟ, ତାହାସବୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ତ୍ୟାଗ କରିବା, ତାହାଙ୍କୁ ବଳିଦାନ ଦେବା ସମାନ । ତେଣୁକରି ଯୀଶୁ କହିଲେ,".....କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ ।".......ଯେଉଁ ଲୋକ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଗୃହ କି ଭାର୍ଯ୍ୟା କି ଭାର୍ଯ୍ୟା କି ଭ୍ରାତା କି ପିତାମାତା କି ସନ୍ତାନସନ୍ତତି ପରିତ୍ୟାଗ କରି ଇହକାଳରେ ବହୁଗୁଣ ଓ ପରକାଳରେ ଅନନ୍ତଜୀବନ ନ ପାଇବ ଏପରି ଲୋକ କେହି ନାହିଁ ।' (ଲୂକ ୯:୨୩ ଓ ୧୮:୨୯-୩୦)

ଆମ୍ଭମାନଙ୍କ ସମୟ ତାହାଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା, ତାହାଙ୍କୁ ବଳିଦାନ ଉତ୍ସର୍ଗ କରିବା ସମାନ । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି,"...... ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ।" (ରୋମୀୟ ୧୨:୨) ସୁସମାଚାର ବ୍ୟାପ୍ତି ନିମନ୍ତେ ପ୍ରଚାରକମାନଙ୍କୁ ସାହାଯ୍ୟ କରିବା । "ଈଶ୍ୱରଙ୍କ ନିକଟରେ ସୁଗନ୍ଧି ନୈବେଦ୍ୟ ଓ ସୁଗ୍ରାହ୍ୟ ବଳି ସ୍ୱରୂପ ।" (ଫିଲିପି ୪:୧୮) ବୋଲି ପ୍ରେରିତ ପାଉଲ ଫିଲିପି ମଣ୍ଡଳୀକୁ ଲେଖନ୍ତି । ପରମେଶ୍ୱରଙ୍କ ତୁଷ୍ଟ ଆଉ ଏକ ବଳି ବିଷୟରେ ଏବ୍ରୀ ପୁସ୍ତକକର୍ତ୍ତା ଆମ୍ଭମାନଙ୍କୁ ଜଣାନ୍ତି । ଯାହା କହେ, "ଏଣୁ ଆସ ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ

ସ୍ୱୀକାରକାରୀ ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ । ପରୋପକାର ଓ ଦାନ କରିବା ନିମନ୍ତେ ପାସୋର ନାହିଁ, କାରଣ ଏହିପରି ବଳିରେ ଈଶ୍ୱରଙ୍କର ପରମ ସନ୍ତୋଷ ।'' (ଏବ୍ରୀ ୧୨:୧୫,୧୬) କର୍ଣ୍ଣଲୀୟ ପରୋପକାର ରୂପ ବଳି ନିମନ୍ତେ ସୁଖ୍ୟାତି ପ୍ରାପ୍ତ ହୋଇ ଅଛନ୍ତି । (ପ୍ରେରିତ ୧୦:୪)

ଆପଣା ଅନାଟନ ଅବସ୍ଥାରେ ନିଜ ପ୍ରାଣ ବଞ୍ଚାଇବା ନିମନ୍ତେ ସଞ୍ଚିତ ଦୁଇ କ୍ଷୁଦ୍ର ମୁଦ୍ରା, ଜଣେ ଦରିଦ୍ର ବିଧବା ମନ୍ଦିରର ଭଣ୍ଡାରରେ ପକାଇଥିବାରୁ, ଯୀଶୁ ତାହାଙ୍କୁ ପ୍ରଶଂସା କରିଥିଲେ । (ଲୁକ ୨୧:୧-୪) ସେ ଆପଣାର ସର୍ବସ୍ୱ ଆପଣା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲା । ଆପଣ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ କିପରି ବଳିଦାନ ଉତ୍ସର୍ଗ କରୁଅଛନ୍ତି ।


*- Kabita Gootam*

❋❋❋


# ଲାଜର ଓ ଧନୀଲୋକ
## (Lazarus and the Rich Man)

ଲୁକ ୧୬:୧୯-୩୧ରେ ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତ ଲାଜର ଓ ଧନୀଲୋକର ଘଟଣା ଲିଖିତ ହୋଇଅଛି । ଏହା ଏକ କଳ୍ପିତ କାହାଣୀ ନୁହେଁ, କିନ୍ତୁ ଦୁଇ ମନୁଷ୍ୟର ଜୀବନ ଇତିହାସ ଏହି ବାକ୍ୟରେ ଲାଜର ଓ ସେହି ଧନୀର ଜୀବନର କାହାଣୀ ସଂକ୍ଷିପ୍ତଭାବେ କୁହାଯାଇ, ସେମାନଙ୍କ ମୃତ୍ୟୁପରର ବିବରଣ ଲିଖିତ ହୋଇଅଛି । ଏହି ଘଟଣା ଦ୍ୱାରା ଆମ୍ଭମାନଙ୍କ ମୃତ୍ୟୁପରେ ଆମ୍ଭମାନଙ୍କ ପ୍ରତି କଅଣ ଘଟିବ ଜାଣିପାରୁ । ଏହି ଜୀବନର ଶେଷରେ ଆମ୍ଭେମାନେ କଅଣ ପ୍ରାପ୍ତ ହେବା ଏହି ଘଟଣା ଆମ୍ଭମାନଙ୍କୁ ଶିକ୍ଷା ଦିଏ । ମନୁଷ୍ୟର ଶରୀର ମରଣଭୋଗୀ କିନ୍ତୁ ଆତ୍ମା ଅମର । ଲାଜର ଓ ଧନୀ ଲୋକ ଯଦିଓ ଏବେ ଶରୀରରେ ନାହାନ୍ତି ତଥାପି ସେମାନଙ୍କ ଆତ୍ମା ଅମର ।

''ଜଣେ ଧନୀଲୋକ ଥିଲା, ସେ ବହୁମୂଲ୍ୟ ବସ୍ତ୍ର ପିନ୍ଧି ମହା ଆଡ଼ମ୍ବରରେ ପ୍ରତିଦିନ ଆମୋଦପ୍ରମୋଦ କରୁଥିଲା ।'' (ଲୁକ ୧୬:୧୯) ବୋଲି ଧନୀଲୋକଙ୍କ ବିଷୟରେ ବାକ୍ୟ କହେ । ଧନୀଲୋକ ଅତ୍ୟନ୍ତ ବିଳାସରେ ଜୀବନଯାପନ କରୁଥିଲେ । ସେ ବହୁମୂଲ୍ୟ ବସ୍ତ୍ର ପିନ୍ଧୁଥିଲେ । ସେ ଧନୀ ଥିଲେ ବୋଲି ବାକ୍ୟ ତାହାଙ୍କୁ ନିନ୍ଦା କରେ



ପାରଦୀଶ
ଲୂକ ୨୫:୪୩
ମରଣ
ପରିତ୍ରାଣ ପ୍ରାପ୍ତ
ବୃହତ୍ ବ୍ୟବଧାନ
ଲୂକ ୧୬:୨୬
ବିନାଶ ପ୍ରାପ୍ତ
ମରଣ
ଯନ୍ତ୍ରଣାର ସ୍ଥାନ
ଲୂକ ୧୬:୨୩


ସ୍ୱର୍ଗ
ମାଥିଉ ୨୫:୪୬
ଅନନ୍ତ ଜୀବନ
ବିଚାର
ଏବ୍ରୀ
୯:୨୭
ଅନନ୍ତ କାଳ
ନରକ

ନାହିଁ । କିନ୍ତୁ ସେ ଧନୀ ହୋଇ ମଧ୍ୟ ଲାଜରଙ୍କ ପ୍ରତି ଦୟାଭାବ ଦେଖାଇ ନଥିଲେ । ପ୍ରତିବାସୀଙ୍କୁ ସେ ପ୍ରେମ କରୁନଥିଲେ । ତାହାଙ୍କ ଧନ ଦ୍ୱାରା ଲାଜରଙ୍କୁ ଓ ଲାଜରଙ୍କ ସଦୃଶ୍ୟ ଅନ୍ୟମାନଙ୍କୁ ସାହାଯ୍ୟ କରୁନଥିଲେ । ଲାଜରଙ୍କ ସ୍ଥିତି କଷ୍ଟରେ ଥିଲା । ତାହାଙ୍କ ଜୀବନର ସ୍ଥିତି ୨୦ ଓ ୨୧ ପଦରେ ସଂକ୍ଷିପ୍ତରେ କୁହାଯାଇଅଛି । ଯାହା କହେ,''କିନ୍ତୁ ତାହାର ଫାଟକ ପାଖରେ ଲାଜର ବୋଲି ଜଣେ ଭିକାରୀ ପଡ଼ି ରହିଥିଲେ । ତା'ର ଦେହଯାକ ଘା' ଭର୍ତ୍ତି ହୋଇଥିଲା । ସେ ସେହି ଧନୀଲୋକର ମେଜରୁ ପଡ଼ିବା ଅଇଣ୍ଠା କିଛି ଖାଇ ପେଟ ପୁରାଇବାକୁ ଆଶା କରୁଥିଲା, ଆଉ କୁକୁରଗୁଡ଼ାକ ସୁଦ୍ଧା ଆସି ତାହାର ଘା' ଚାଟୁଥିଲେ ।'' ଲାଜର ଦରିଦ୍ର ଓ କାର୍ଯ୍ୟ କରିବାଁକୁ ଅକ୍ଷମ ଥିଲେ । ଘା'ଭର୍ତ୍ତି ହୋଇଥିବା ଲାଜର, ଧନୀଲୋକଙ୍କ ଗୃହ ଫାଟକରେ ପଡ଼ି ରହିଥିଲେ । ସେ ବୋଧହୁଏ ଚାଲିପାରୁନଥିଲେ । ଅନ୍ୟମାନଙ୍କ ଦୟା ଓ କୃପାରେ ସେ ବଞ୍ଚି ରହିଥିଲେ । ସେ ଅତି କିଛି ଆଶା କରୁନଥିଲେ । ଧନୀ ଲୋକର ମେଜରୁ ପଡ଼ିବା ଅଇଣ୍ଠା ତାହାଙ୍କ ନିମନ୍ତେ ଯଥେଷ୍ଟ ଥିଲା । ତାହାଙ୍କ ଦରିଦ୍ରତା ତାହାଙ୍କ ପାପ ନୁହେଁ, ଦୁହେଁ ମୃତ୍ୟୁ ଭୋଗି, ଆପଣା ଆପଣା ପ୍ରତିଫଳ ପାଇବା ନିମନ୍ତେ ପରଲୋକଙ୍କୁ ନୀତ ହେଲେ । ୨୨ତମ ପଦ କହେ,''କାଳକ୍ରମେ ସେହି ଭିକାରୀଟି ମରିଗଲା ଓ ଦୂତମାନଙ୍କ ଦ୍ୱାରା ଅବ୍ରାହମଙ୍କ କୋଳକୁ ନିଆଗଲା, ପରେ ସେହି ଧନୀ ଲୋକ ମଧ୍ୟ ମରିଗଲା ଓ ସମାଧି ପାଇଲା ।'' (୧୬:୨୨)

ଧନୀ, ଦରିଦ୍ର, ବଳବାନ୍ ଓ ବଳହୀନ ପ୍ରତ୍ୟେକେ ମୃତ୍ୟୁ ଭୋଗିବେ । ଲାଜର ମୃତ୍ୟୁ ପରେ ଦୂତମାନଙ୍କ ଦ୍ୱାରା ନୀତ ହୋଇ ଅବ୍ରାହମଙ୍କ କୋଳରେ ସ୍ଥାନ ପାଇଲେ । ଏହି ସ୍ଥାନକୁ ଲୂକ ୨୩:୪୩ ପଦରେ ପାରଦୀଶ ନାମ ଭାବେ କୁହାଯାଇଅଛି । ପାରଦୀଶ (Paradise), ସ୍ୱର୍ଗ (Heaven) ନୁହେଁ । ମନୁଷ୍ୟମାନେ ଶେଷଦିନରେ ଆପଣା ଆପଣା କାର୍ଯ୍ୟ ଦ୍ୱାରା ବିଚାରିତ ହେବା ପରେ ଧାର୍ମିକମାନେ ସ୍ୱର୍ଗରେ ସ୍ଥାନ ପାଇବେ । ପାତାଳରେ (Hades) ଅବ୍ରାହମଙ୍କ କୋଳ ଅବସ୍ଥିତ । ଯେଉଁଠାରେ ମୃତ୍ୟୁ ପରେ ମନୁଷ୍ୟମାନଙ୍କ ଆତ୍ମା ଶେଷ ବିଚାର ନିମନ୍ତେ ଅପେକ୍ଷାରେ ରହେ । ପାତାଳ ଦୁଇଭାଗରେ ବିଭକ୍ତ - (୧) ଅବ୍ରାହମଙ୍କ କୋଳ, (୨) ଯନ୍ତ୍ରଣାର ସ୍ଥାନ । ଧାର୍ମିକମାନେ ଦୂତମାନଙ୍କ ଦ୍ୱାରା ଅବ୍ରାହମଙ୍କ କୋଳକୁ ନୀତ ହେବେ ଓ ଅଧାର୍ମିକମାନେ ଆପେ ଯନ୍ତ୍ରଣାର ସ୍ଥାନକୁ ପହଞ୍ଚିବେ । ଧନୀ ଲୋକ ''.......ନରକ ଯନ୍ତ୍ରଣାରେ କଲବଲ ହୋଇ ଉପରକୁ ଚାହିଁ ଦୂରରେ ଅବ୍ରାହମଙ୍କ ତାଙ୍କ କୋଳରେ ଲାଜରଙ୍କୁ ଦେଖିଲା ।'' (ଲୂକ ୧୬:୨୩) । ଧନୀଲୋକ ଧାର୍ମିକ ପରିଗଣିତ ହୋଇନଥିଲେ ।

ସେ ଉପରକୁ ଚାହିଁ ଅବ୍ରାହମ ଓ ଲାଜରଙ୍କୁ ଚିହ୍ନିଲେ । ସେ କେଉଁଠି ଅଛନ୍ତି, ଜାଣିପାରିଥିଲେ । ତାହାଙ୍କ ଶରୀର ଜଗତରେ ରହିଗଲା, କିନ୍ତୁ ତାହାଙ୍କ ଆତ୍ମା ନରକରେ କଲବଲ ହେଲା । ସେ ଅବ୍ରାହମଙ୍କ ସହିତ କଥାବାର୍ତ୍ତା ସୁଦ୍ଧା କରିପାରିଥିଲେ । ''ସେଥିରେ ସେ ଡାକି କହିଲା, ହେ ପିତା ଅବ୍ରାହମ, ମୋତେ ଦୟା କରି ଲାଜରଙ୍କୁ ପଠାଇ ଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିହ୍ୱାକୁ ଥଣ୍ଡା କରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି ।'' (୧୬:୨୪) ସେ ଅବ୍ରାହମ ଓ ଲାଜର ନିକଟରେ ଦୟା ଭିକ୍ଷା ମାଗିଥିଲେ । ତାହାଙ୍କ ଆତ୍ମା ଅଗ୍ନିରେ କଲବଲ ହେଉଥିଲା । ଧନୀଲୋକ ଏବେ ଆଉ ଧନୀ ନୁହେଁ । ତାହାଙ୍କ ଭୋଗବିଳାସର ଅନ୍ତ ହୋଇଅଛି । ସେ ଆପଣା ଜୀବନର କୁକର୍ମ ଯୋଗୁଁ ଯନ୍ତ୍ରଣା ଭୋଗୁଅଛନ୍ତି । ତାହାଙ୍କ ପାପ ତାହାଙ୍କୁ କେଉଁଠାରେ ରଖିଅଛି ସେ ଏବେ ଅନୁଭବ କରି ପାରିଅଛନ୍ତି । ମୃତ୍ୟୁ ତାହାଙ୍କ ଜୀବନର ଦ୍ୱାର ବନ୍ଦ କରି, ଯନ୍ତ୍ରଣା ଦ୍ୱାର ଖୋଲିଅଛି । ତାହାଙ୍କୁ କୁକର୍ମ ଓ ସତ୍‌କ୍ରିୟା ଅଭାବ, ତାହାଙ୍କୁ ପାତାଳରେ ପକାଇ ଦେଇଅଛି ।

ଅବ୍ରାହମ ଧନୀଲୋକଙ୍କ ସହିତ କଥାବାର୍ତ୍ତା କରିଥିଲେ । ଅବ୍ରାହମଙ୍କ ମୃତ୍ୟୁର କେତେ ଶତାବ୍ଦୀ ବିତିଗଲାଣି (ଆଦି ୨୫:୮), ତଥାପି ସେ ଧନୀ ଲୋକଙ୍କୁ କହନ୍ତି,''.........ପୁଅରେ ତୁ ଯେ ବଞ୍ଚିଥିବା ସମୟରେ ତୋର ଭଲ ବିଷୟସବୁ ପାଇଲୁ, ଆଉ ଲାଜର ସେହିପରି ମନ୍ଦ ବିଷୟସବୁ ପାଇଲା । ଏହା ମନେ କର,କିନ୍ତୁ ଏବେ ସେ ଏହି ସ୍ଥାନରେ ସାନ୍ତ୍ୱନା ପାଉଅଛି, ଆଉ ତୁ କଲବଲ ହେଉଅଛୁ । ତାହା ଛଡ଼ା ତୁମ୍ଭ ଆମ ମଧ୍ୟରେ ଆଜି ବୃହତ୍ ବ୍ୟବଧାନ ଅବସ୍ଥିତ । ଯେପରି ଯେଉଁମାନେ ଏ ସ୍ଥାନରୁ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ଇଚ୍ଛା କରନ୍ତି ସେମାନେ ଯାଇ ପାରନ୍ତି ନାହିଁ, ପୁଣି ସେ ସ୍ଥାନରୁ କେହି ଆମ୍ଭମାନଙ୍କ ନିକଟକୁ ପାର ହୋଇ ଆସିପାରନ୍ତି ନାହିଁ ।'' (ଲୂକ ୧୬:୨୫,୨୬) । ଧନୀଲୋକ ନିମନ୍ତେ ଶାସ୍ତି ବ୍ୟତୀତ ଆଉ କିଛି ନାହିଁ । ଯଦିଓ ଅବ୍ରାହମ ଲାଜରଙ୍କୁ ଧନୀଲୋକ ନିକଟ ପଠାଇବାକୁ ଇଚ୍ଛା କରନ୍ତି, ତଥାପି ଅଗାଧ ବ୍ୟବଧାନ ଯୋଗୁଁ ପଠାଇ ପାରନ୍ତି ନାହିଁ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଥ ନାହିଁ । ଏକ ସ୍ଥାନରେ ଧାର୍ମିକମାନେ ଓ ଅନ୍ୟସ୍ଥାନରେ ଅଧାର୍ମିକମାନେ ବିଚାରଦିନ ନିମନ୍ତେ ଅପେକ୍ଷାରେ ରହିଅଛନ୍ତି । ଏକସ୍ଥାନରେ ଧାର୍ମିକ ଆତ୍ମାମାନେ ସାନ୍ତ୍ୱନାପ୍ରାପ୍ତ ହେଉଅଛନ୍ତି ଓ ଅନ୍ୟସ୍ଥାନର ଅଧାର୍ମିକମାନେ ଯନ୍ତ୍ରଣା ଭୋଗୁଅଛନ୍ତି । ଧନୀଲୋକଙ୍କ ଆଶା କେହି ପୂରଣ କରିପାରିବେ ନାହିଁ ।

ତତ୍ପରେ ଧନୀଲୋକ ଆଉ ଏକ ଗୁହାରୀ କରିଥିଲେ । ତାହାଙ୍କ ଦ୍ୱିତୀୟ

ଗୁହାରୀ ମଧ୍ୟ ପ୍ରଥମ ଗୁହାରୀ ସଦୃଶ୍ୟ ଅସାଧ୍ୟ ଥିଲା । "....ହେ ପିତା, ତାହାହେଲେ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି । ତାହାକୁ ମୋର ପିତାଙ୍କ ଗୃହକୁ ପଠାଅନ୍ତୁ, କାରଣ ମୋହର ପାଞ୍ଚ ଭାଇ ଅଛନ୍ତି, ସେମାନେ ମଧ୍ୟ ଯେପରି ଏହି ଯନ୍ତ୍ରଣାମୟ ସ୍ଥାନକୁ ନ ଆସନ୍ତି, ସେଥିପାଇଁ ସେ ସେମାନଙ୍କ ନିକଟରେ ସାକ୍ଷ୍ୟ ଦେବେ ।" (ଲୁକ ୧୬:୨୭,୨୮) ଲାଜର ମୃତ୍ୟୁଲୋକରୁ ଜଗତକୁ ପ୍ରେରଣ କରାଯାଇ, ଲାଜରଙ୍କ ପାଞ୍ଚ ଭାଇଙ୍କୁ ଶିକ୍ଷା ଦେବା ନିମନ୍ତେ ଅନୁରୋଧ କରିଥିଲେ । ତାହାଙ୍କ ଭାଇମାନେ ମୃତ୍ୟୁଭୋଗୀ ନିଶ୍ଚିତଭାବେ ଯନ୍ତ୍ରଣାମୟ ସ୍ଥାନକୁ ଆନୀତ ହେବେ ବୋଲି ସେ ବୁଝିପାରିଥିଲେ । ଲାଜରଙ୍କ ଜୀବନ ଯେ ସତ୍ୟମୟ ଜୀବନ, ଯାହା ଅନୁସରଣ କରି, ତାହାଙ୍କ ଭାଇମାନେ ଅବ୍ରାହମ କୋଳକୁ ନୀତ ହୋଇ ପାରିବେ ବୋଲି ସେ ନରକରେ ରହି ବିଶ୍ୱାସ କରିଥିଲେ । ଯଦିଓ ଲାଜର ଜଣେ ଭିକାରୀଥିଲେ, ସେ ଧାର୍ମିକ ଲୋକ ଥିଲେ । ଲାଜରଙ୍କ ଜୀବନର ସତ୍ୟତା, ଧନୀଲୋକଙ୍କ ଭାଇମାନଙ୍କ ନିମନ୍ତେ ଆବଶ୍ୟକ ବୋଲି ସେ ଅନୁଭବ କରିଥିଲେ । ଅବ୍ରାହମ ତାହାଙ୍କୁ କହିଲେ,"......ସେମାନଙ୍କ ନିକଟରେ ସେମାନେ ସେମାନଙ୍କର କଥା ଶୁଣନ୍ତୁ ।" (୧୬:୨୯) ଏହା ଏକ ଯିହୂଦୀ ଲୋକଙ୍କୁ କୁହାଯାଇଥିଲା, ଯାହାଙ୍କ ଭାଇମାନେ ମୋଶାଙ୍କ ଧର୍ମଶାସ୍ତ୍ରାଧୀନ ଥିଲେ । ସଦାପ୍ରଭୁଙ୍କ ଲିଖିତ ବାକ୍ୟ ମନୁଷ୍ୟମାନଙ୍କ ପରିତ୍ରାଣ ନିମନ୍ତେ ଯଥେଷ୍ଟ ଅଟେ ।

ଧନୀଲୋକ ପୁନଃର୍ବାର ଅବ୍ରାହମଙ୍କୁ ୩୦ତମ ପଦରେ ଅନୁରୋଧ କରନ୍ତି । ଯାହାର ଉତ୍ତର ଅବ୍ରାହମ ଦେଇ କହନ୍ତି,"......ଯଦି ସେମାନେ ମୋଶା ଓ ଭାବବାଦୀମାନଙ୍କ କଥା ନ ଶୁଣନ୍ତି, ତାହାହେଲେ ମୃତମାନଙ୍କ ମଧ୍ୟରୁ ଜଣେ ପୁନଃରୁଥିତ ହେଲେ ସୁଦ୍ଧା ସେମାନେ ପରାମର୍ଶ ଗ୍ରହଣ କରିବେ ନାହିଁ ।" (୧୬:୩୧) ପରମେଶ୍ୱରଙ୍କ ବାକ୍ୟ ମନୁଷ୍ୟର ପରିତ୍ରାଣ ନିମନ୍ତେ ଯଥେଷ୍ଟ । ଜଣେ ଯଦି ଲିଖିତ ବାକ୍ୟ ବିଶ୍ୱାସ କରୁନାହିଁ, ତାହାହେଲେ ମୃତ୍ୟୁଲୋକରୁ ଫେରି ସୁସମାଚାର ଘୋଷଣା କଲେ ସୁଦ୍ଧା ସେ ବିଶ୍ୱାସ କରିବ ନାହିଁ । କାରଣ ତାହାଙ୍କ ବାର୍ତ୍ତା, ଲିଖିତ ବାକ୍ୟରୁ ଭିନ୍ନ ହେବ ନାହିଁ । ଅବ୍ରାହମଙ୍କ ବାକ୍ୟ ସତ୍ୟ ଅଟେ । ଯୋହନ ଏକାଦଶ ଅଧ୍ୟାୟରେ ଯୀଶୁ ଅନ୍ୟ ଏକ ଲାଜରଙ୍କୁ ମୃତ୍ୟୁରୁ ଉଠାଇଥିଲେ । ତଥାପି ଫାରୁଶୀ ଓ ସାଦ୍ଦୁକୀମାନେ ତାହାଙ୍କ ଠାରେ ବିଶ୍ୱାସ କରିନଥିଲେ । ଯୀଶୁ ଓ ମୃତ୍ୟୁରୁ ଉତ୍ଥିତ ଲାଜରଙ୍କୁ ହତ୍ୟା କରିବା ନିମନ୍ତେ ପ୍ରଧାନ ଯାଜକ ସୁଯୋଗର ସନ୍ଧାନରେ ଥିଲେ ।

ଅବ୍ରାହମ, ଧନୀଲୋକ ଓ ଲାଜର ଆଜି ପର୍ଯ୍ୟନ୍ତ ପାତାଳ ଲୋକରେ ଅଛନ୍ତି । ଶତ ଶତାବ୍ଦୀ ଧରି ଲାଜର ଅବ୍ରାହମଙ୍କ କୋଳରେ ବିଶ୍ରାମ ପାଉଅଛନ୍ତି ଓ ଲାଜର

ନରକରେ ଯନ୍ତ୍ରଣା ଭୋଗୁଅଛନ୍ତି । ମୃତଲୋକ ପ୍ରତ୍ୟେକ ପାତାଳ ଲୋକରେ ଶେଷ ବିଚାର ଦିନର ଅପେକ୍ଷାରେ ଅଛନ୍ତି । "...ଆମ୍ଭେ ଅବ୍ରାହମଙ୍କ ଈଶ୍ୱର, ଇସ୍‌ହାକଙ୍କ ଈଶ୍ୱର ଓ ଯାକୁବଙ୍କ ଈଶ୍ୱର ? ସେ ମୃତମାନଙ୍କ ଈଶ୍ୱର ନୁହନ୍ତି, ମାତ୍ର ଜୀବିତମାନଙ୍କର.." (ମାର୍କ ୧୨:୨୬-୨, ଯାତ୍ରା ୩:୬) ଅନେକ ବର୍ଷପୂର୍ବେ ଲାଜର ଓ ଧନୀଲୋକଙ୍କର ମୃତ୍ୟୁ ହେଲେ ହେଁ ସଦାପ୍ରଭୁ ସେମାନଙ୍କର ପରମେଶ୍ୱର ଅଟନ୍ତି । ପ୍ରତ୍ୟେକ ମୃତ ବ୍ୟକ୍ତି ପାତାଳ ଲୋକରେ ବିଦ୍ୟମାନ ଅଟନ୍ତି । ଶେଷ ବିଚାରଦିନ ପର୍ଯ୍ୟନ୍ତ ସେଠାରେ ରହିବେ ।

***- Truth for the World***

❋❋❋

# ସ୍ୱର୍ଗ ବିଷୟକ ପାଞ୍ଚଟି ସତ୍ୟ

## (Five facts about Heaven)

ସ୍ୱର୍ଗ ଏକ ପ୍ରକୃତ ସ୍ଥାନ । ଯୋହନ ୧୪:୩ ପଦରେ ଯୀଶୁ କହନ୍ତି,"ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନଃର୍ବାର ଆସିବି, ଆଉ ମୁଁ ଯେଉଁସ୍ଥାନରେ ଥାଏ ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।"

ସ୍ୱର୍ଗ ବିଷୟରେ ପ୍ରେରିତ ପାଉଲ କହନ୍ତି,"ଯେଉଁ ଅକ୍ଷୟ, ଅକଳଙ୍କିତ, ଅଜର, ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁର୍ନଃଜନ୍ମ ଦେଇଅଛନ୍ତି ।" (୧ମ ପିତର ୧:୪) ଏହି ବାକ୍ୟରେ ସ୍ୱର୍ଗର ପାଞ୍ଚଟି ସତ୍ୟ ବିଷୟରେ କୁହାଯାଇଅଛି ।

**(୧) ପ୍ରଥମ ସତ୍ୟ : ସ୍ୱର୍ଗ ଆମ୍ଭର ଅଧିକାର** । ଅଧିକାର ଅର୍ଥାତ୍ ଏବେ ପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହୁଁ । କିନ୍ତୁ ପ୍ରାପ୍ତି ନିମନ୍ତେ ଅପେକ୍ଷାରେ ରହୁଅଛୁ । 'ଅଧିକାର' ଯାହା ମନୁଷ୍ୟର ସ୍ୱଉପାର୍ଜିତ ନୁହେଁ । ତାହା ଅନ୍ୟମାନଙ୍କ ଠାରୁ ପ୍ରାପ୍ତ । ମୃତମାନଙ୍କ ମଧ୍ୟରୁ ପୁନଃରୁଥିତ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପୁର୍ନଃଜନ୍ମିତ ମାନଙ୍କ ନିମନ୍ତେ ଏହି ଅଧିକାର ସୁରକ୍ଷିତ ହୋଇଅଛି ।

**(୨) ଦ୍ୱିତୀୟ ସତ୍ୟ : ସ୍ୱର୍ଗ ଅକ୍ଷୟ ଅଟେ** । ଏହି ପୃଥିବୀ କ୍ଷୟ ହେଉଅଛି ଓ ବିନାଶ ହେବ । କିନ୍ତୁ ସ୍ୱର୍ଗ ନିତ୍ୟସ୍ଥାୟୀ ।

**(୩) ତୃତୀୟ ସତ୍ୟ :** ସ୍ୱର୍ଗ ଅକଳଙ୍କିତ ଅଟେ । ସ୍ୱର୍ଗ ଏକ ପବିତ୍ର ସ୍ଥାନ । ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହୋଇ ପବିତ୍ର ହୋଇଅଛନ୍ତି, ସେମାନେ ସେହି ପବିତ୍ର ସ୍ଥାନ ଅଧିକାର କରିବେ । (୧ମ ଯୋହନ ୩:୩)

**(୪) ଚତୁର୍ଥ ସତ୍ୟ :** ସ୍ୱର୍ଗ କେବେ ବି ବିଲୁପ୍ତ ହେବନାହିଁ । ସ୍ୱର୍ଗ ଅନନ୍ତକାଳସ୍ଥାୟୀ । ଜାଗତିକ ବିଷୟଗୁଡ଼ିକ ଅନିତ୍ୟ । ମନୁଷ୍ୟ ସ୍ୱର୍ଗର ନିତ୍ୟସ୍ଥାୟୀତ୍ୱ ବୁଝିପାରେ ନାହିଁ । ଅନନ୍ତକାଳ ସମୟ ସଦୃଶ୍ୟ ସ୍ୱର୍ଗର ଯାହାର ଆରମ୍ଭ ଓ ଶେଷ ନାହିଁ । ଏହା ଅସୀମ ଓ ଅପରିମିତ । ଏହା ସୈନ୍ୟାଧିପତି ସଦାପ୍ରଭୁଙ୍କ ନିତ୍ୟ ନିବାସ ସ୍ଥଳ । (ଯିଶାଇୟ ୫୭:୧୫)

**(୫) ପଞ୍ଚମ ସତ୍ୟ :** ଏହି ଅଜର, ଅକ୍ଷୟ ଅଧିକାର ଆପଣଙ୍କ ପାଇଁ ସୁରକ୍ଷିତ ହୋଇଅଛି । ଯେଉଁଠାରେ ପିତା ପରମେଶ୍ୱର ବାସ କରନ୍ତି, ତାହା କି ଅସୁରକ୍ଷିତ ହୋଇପାରେ ? ସୁରକ୍ଷିତର ଅର୍ଥ କେବଳ ନିର୍ଣ୍ଣିତ ଲୋକମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ । ସ୍ୱର୍ଗୀୟ ଅଧିକାର ମନୋନୀତ ବ୍ୟକ୍ତିମାନଙ୍କ ନିମନ୍ତେ ସୁରକ୍ଷିତ ହୋଇଅଛି । ବିଶ୍ୱସ୍ତ, ଶୁଦ୍ଧ, ପବିତ୍ର ବ୍ୟକ୍ତିମାନଙ୍କ ନିମନ୍ତେ ଏହି ସ୍ଥାନ ଅଧିକାର କରିବେ । (ମାଥିଉ ୬:୧୯-୨୧)

ସ୍ୱର୍ଗ ଏକ ବାସ୍ତବିକ ସ୍ଥାନ । ଧାର୍ମିକମାନେ ଏହା ଅଧିକାର କରିବେ । ଆପଣଙ୍କ ନିମନ୍ତେ କି ଏଠାରେ ସ୍ଥାନ ସୁରକ୍ଷିତ ଅଛି ?

***- Truth for the World***

❋❋❋

# ନରକ ବିଷୟକ ଦଶଟି ସତ୍ୟ

## (Ten facts about Hell)

ସ୍ୱର୍ଗ ସଦୃଶ୍ୟ ନରକ ଏକ ବାସ୍ତବିକ ସ୍ଥାନ । ଈଶ୍ୱରଙ୍କ ସାନ୍ନିଧ୍ୟରୁ ଦୂର, ସୁସମାଚାରର ଅବାଧ୍ୟ ଆତ୍ମାମାନଙ୍କ ନିମନ୍ତେ ପ୍ରସ୍ତୁତ ଏହି ସ୍ଥାନ ବିଷୟରେ ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି,"ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ, ଅର୍ଥାତ୍ ଯେଉଁଦିନ ସେ ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ ସମସ୍ତଙ୍କ ଦ୍ୱାରା ଚମତ୍କାରର ଦୃଶ୍ୟ ସ୍ୱରୂପ

ହେବାକୁ ଆସିବେ (କାରଣ ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରୁଅଛ ।'' (୨ୟ ଥେସ ୧:୮,୯) ଏହି ବାକ୍ୟରୁ ନରକର ସତ୍ୟତା ଆମ୍ଭେମାନେ ବୁଝିପାରିବା ।

**(୧) ପ୍ରଥମ ସତ୍ୟ :** ନରକ ଏକ ଗନ୍ଧକ ପ୍ରଜ୍ୱଳିତ ହ୍ରଦ । ଦୁଷ୍ଟମାନେ ସେଠାରେ ଜୀବନ୍ତ ନିକ୍ଷିପ୍ତ ହେବେ । (ପ୍ରକାଶିତ ୧୯:୨୦, ୨୦:୧୫)

**(୨) ଦ୍ୱିତୀୟ ସତ୍ୟ :** ନରକ, ପାତାଳକୁଣ୍ଡ (ପ୍ରକାଶିତ ୨୦:୧)

**(୩) ତୃତୀୟ ସତ୍ୟ :** ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ଏହି ସ୍ଥାନ ପ୍ରସ୍ତୁତ କରାଯାଇଛି ।

**(୪) ଚତୁର୍ଥ ସତ୍ୟ :** ନରକ ଅନନ୍ତଶାସ୍ତିର ସ୍ଥାନ (ମାଥିଉ ୨୫:୪୬)

**(୫) ପଞ୍ଚମ ସତ୍ୟ :** ନରକ ଏକ ସ୍ଥାନ, ଯେଉଁଠାରେ ମନୁଷ୍ୟ ମନପରିବର୍ତ୍ତନ କରିବାକୁ ସୁଯୋଗ ପାଏ ନାହିଁ ।

**(୬) ଷଷ୍ଠ ସତ୍ୟ :** ନରକ ଏକ ନିତ୍ୟ ଯନ୍ତ୍ରଣାର ସ୍ଥାନ (ଲୂକ ୧୬:୨୩)

**(୭) ସପ୍ତମ ସତ୍ୟ :** ନରକର କୀଟ କ୍ଷୟ ପାଏ ନାହିଁ, ଆଉ ଅଗ୍ନି ନିର୍ବାପିତ ହୁଏ ନାହିଁ (ମାର୍କ ୯:୪୬)

**(୮) ଅଷ୍ଟମ ସତ୍ୟ :** ନରକ, ସଦାପ୍ରଭୁଙ୍କ ଠାରୁ ଦୂର ନିତ୍ୟ ବିନାଶର ସ୍ଥାନ (୨ ଥେସ ୧:୬-୧୦)

**(୯) ନବମ ସତ୍ୟ :** ନରକ ଏକ ଜଳଶୂନ୍ୟ ସ୍ଥାନ, ଯେଉଁଠାରୁ କେହି ମୁକ୍ତି ପାଇପାରିବେ ନାହିଁ (ଲୂକ ୧୬:୨୪-୨୬)

**(୧୦) ଦଶମ ସତ୍ୟ :** ନରକ ଏକ ଅନ୍ଧାର ରୋଦନ ଓ ଦନ୍ତର କିଡ଼ିମିଡ଼ିର ସ୍ଥାନ (ମାଥିଉ ୨୫:୩୦)

ପ୍ରକୃତରେ ନରକ କେତେ ଭୟଙ୍କର ସ୍ଥାନ ! ଏପରି ସ୍ଥାନକୁ କି କେହି ଜ୍ଞାନବାନ ଲୋକେ ଯିବାକୁ ଇଚ୍ଛା କରିବ ? ଆପଣାର କେହି ଲୋକ ଏପରି ସ୍ଥାନକୁ ଯାଆନ୍ତୁ ବୋଲି କି ଆପଣ ଇଚ୍ଛା କରୁଅଛନ୍ତି ? ଅଧାର୍ମିକମାନେ ନିଶ୍ଚିତଭାବେ ଏହି ସ୍ଥାନକୁ ଯିବେ । ଆଜି ଖ୍ରୀଷ୍ଟଙ୍କ ସୁସମାଚାରରେ ଆଜ୍ଞାବହ ହୋଇ, ଏପରି ଭୟଙ୍କର ସ୍ଥାନରୁ ଆପଣାକୁ ବଞ୍ଚାଅନ୍ତୁ ।

***- Truth for the World***

❋❋❋

# ପରମେଶ୍ୱରଙ୍କୁ ଦେଖିବାର ଆନନ୍ଦ
## (Happiness is seeing God !)

ଆପଣ କି ଆନନ୍ଦମୟ ଜୀବନ ଇଚ୍ଛା କରନ୍ତି ? ପ୍ରକୃତ ଆନନ୍ଦ କେଉଁଠାରେ ? ପ୍ରକୃତ ଆନନ୍ଦ ବିଷୟରେ ଅନେକଙ୍କ ଅନେକ ମତ । କିନ୍ତୁ ମହାରାଜ ଦାଉଦ କହନ୍ତି,"ତୁମ୍ଭେ ମୋତେ ଜୀବନର ପଥ ଦେଖାଇବ, ତୁମ୍ଭ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ, ତୁମ୍ଭ ଦକ୍ଷିଣ ହସ୍ତରେ ନିତ୍ୟ ସୁଖଭୋଗ ଥାଏ ।" (ଗୀତ ୧୬:୧୧) ପ୍ରେରିତ ଯୋହନ ଧାର୍ମିକମାନଙ୍କ ଆନନ୍ଦମୟ ସ୍ଥିତିକୁ ବର୍ଣ୍ଣନା କରି କହନ୍ତି,"ସେମାନେ ତାହାଙ୍କ ମୁଖ ଦର୍ଶନ କରିବେ ଓ ତାହାଙ୍କ ନାମ ସେମାନଙ୍କ କପାଳରେ ଲିଖିତ ହେବ ।" (ପ୍ରକାଶିତ ୨୨:୪) ପରମେଶ୍ୱରଙ୍କୁ ଦେଖିବା କେତେ ଆନନ୍ଦମୟ ବିଷୟ ! ସେ ବିଷୟରେ ଯୋହନ କହନ୍ତି,"ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା (୧ମ ଯୋହନ ୩:୨) ।

ପରମେଶ୍ୱରଙ୍କ ସାନ୍ନିଧରେ ପରମେଶ୍ୱରଙ୍କୁ ମୁଖାମୁଖି ଭାବେ ଦର୍ଶନ କରିବା ମହା ଆନନ୍ଦର ସମୟ ! କିନ୍ତୁ ଅଧାର୍ମିକମାନଙ୍କ ନିମନ୍ତେ ମହା ଭୟଙ୍କର ଦିନ । ପରମେଶ୍ୱରଙ୍କ ବିଚାରରୁ ପଳାୟନ କରିବା ଲୋକେ, ପର୍ବତ ଓ ଶୈଳମାନଙ୍କୁ କହିବେ, "....ଆମ୍ଭମାନଙ୍କ ଉପରେ ପଡ଼ି ସିଂହାସନୋପବିଷ୍ଟ ବ୍ୟକ୍ତିଙ୍କ ଛାମୁରୁ ଓ ମେଷଶାବକ କ୍ରୋଧରୁ ଆମ୍ଭମାନଙ୍କୁ ଲୁଚାଇ ରଖ ।" (ପ୍ରକାଶିତ ୬:୧୦)

ଆମ୍ଭେମାନେ ଦିନ ପ୍ରତିଦିନ ତାହାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେଉ ବୋଲି ପ୍ରଭୁ ଇଚ୍ଛା କରନ୍ତି । ଏହି ଜୀବନରେ ଦିନ ପ୍ରତିଦିନ ପ୍ରଭୁଙ୍କ ଇଚ୍ଛାନୁଯାୟୀ ଆମ୍ଭେମାନେ ପରିବର୍ତ୍ତିତ ହେଲେ, ଦିନ ଆସିବ ଯେବେ ଆମ୍ଭେମାନେ ତାହାଙ୍କୁ ଦେଖିପାରିବା ।

***- Bill Dillon***

❋❋❋

---

**Edited & Published by : Kabita & Joshua Gootam**

# THE MOST DANGEROUS SIN

**James 4:17**

INTRODUCTION:

1. The Bible repeatedly warns of the danger of neglect.
2. Many will be lost, not because of what they did, but because of what they failed to do.

DISCUSSION:

**I. Neglect is Dangerous because of its Deceptive Nature.**

1. Murder, lying, drunkenness, adultery and stealing are great sins.
2. But we overlook the things that should be done.
3. The sins of commission are stressed but the sins of omission are bypassed.

**II. Neglect is Dangerous because it requires no Effort.**

1. Energy is required to involve a person in the sins of commission.
2. But it takes no effort to avoid doing things.
3. It takes no effort to avoid those in need, ignore teaching those about us, etc.
4. It takes no effort to avoid helping the church.

**III. Neglect is Dangerous because it is at the Root of other Sins.**

1. A cultivated field is free of weeds, but a neglected field is soon filled with weeds and thorns.
2. David's idleness led to adultery and murder.

**IV. Neglect is Dangerous because it is Contrary to the Spirit and purpose of the Gospel.**

1. The law said "Thou shalt not"

2. The gospel says, "Thou shalt."

3. The aim of many is to be good but we must do good. (Acts 10:38).

**V. Neglect is Dangerous because Negligent People will be lost.**

1. Matt. 25:14-30.

2. To be lost just do nothing.

CONCLUSION:

1. Arise and obey the Lord.

2. Tomorrow will be too late.

**- J.C.Choate.**

FROM :
SATYA VANI
P.O.BOX.80,
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)